# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 February - 2026

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତ
- ରାୟଗଡ଼ା ଜିଲ୍ଲାରେ ୫୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରଠାରେ ୨ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସୁଧରାଶି ଫେରସ୍ତ କଲେ ରାଜ୍ୟ ସରକାର

ଏବଂ

- ଆର୍ଦ୍ରଭୂମି ଓ ଏହାର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଆର୍ଦ୍ରଭୂମି ଦିବସ

Desk

# ରାଷ୍ଟ୍ରପତି - ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରାଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବେ। ପରେ ବାଲେଶ୍ୱର ଫକିରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନବନିର୍ମିତ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିବେ । ଆସନ୍ତା ବୁଧବାର ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀମତୀ ମୁର୍ମୁ ସରକାରୀ ଆୟୁର୍ବେଦ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଓ.ୟୁ.ଏ.ଟି. କ୍ୟାମ୍ପସ୍, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ରାଷ୍ଟ୍ରପତି ଆସନ୍ତା ୬ ତାରିଖ ଶୁକ୍ରବାର ଦିନ ଶିମିଳିପାଳଠାରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହ ଭାବ ବିନିମୟ କରିବା ପରେ ଭୁବନେଶ୍ୱରରେ ବ୍ଲାକ୍ ସ୍ୱାନ୍ ସମ୍ମିଟ୍‌ରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

Rayagada

# ସୁଭଦ୍ରା ଶକ୍ତି ମେଳା

ରାଜ୍ୟ ସରକାର ମହିଳାଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାୟଗଡ଼ା ଜିଲ୍ଲାର ଜେସ୍କୋ ପଡ଼ିଆରେ ଆଜି ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି' ମହିଳାମାନଙ୍କ ଲକ୍ଷପତି ଦିଦି ଓ ଉଦ୍ୟୋଗୀ ହେବାର ସ୍ୱପ୍ନକୁ ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୪-୨୫ ଆର୍ଥିକ ବର୍ଷରେ ଜିଲ୍ଲାର ୨୯ ହଜାରରୁ ଊର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଜିଲ୍ଲାର ୩୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଏହି ଅବସରରେ ଶ୍ରୀ ମାଝୀ' ମଝିଘରିଆଣି ମନ୍ଦିରର ସୌନ୍ଦର୍ଯ୍ୟକରଣ ସହ ୩୪୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଓ ୨୨୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଜିଲ୍ଲାରେ ଆଜିଠାରୁ ଆସନ୍ତା ୮ ତାରିଖ

ପର୍ଯ୍ୟନ୍ତ ଚାଲିବାକୁ ଥିବା ସୁଭଦ୍ରା ଶକ୍ତି ମେଳାରେ ୧୨୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଛି ।

CTC

## ଉପମୁଖ୍ୟମନ୍ତ୍ରୀ- ବଜେଟ୍

କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । କଟକରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହଦେଓ' ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି । ଓଡ଼ିଶା ପାଇଁ ଘୋଷଣା ହୋଇଥିବା ବିରଳ ଖଣିଜ କରିଡ଼ର ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଖଣିଜ ଆମଦାନୀ ହୋଇପାରିବ । ପୂର୍ବ ଭାରତର ବିକାଶ ପ୍ରତି ବଜେଟ୍‌ରେ ଧ୍ୟାନ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କଟକସ୍ଥିତ ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦିବ୍ୟ ଜୀବନ ସଂଘର ଆଧ୍ୟାତ୍ମିକ ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ।

Desk

## ସଂସଦରେ ନୂଆ ଆୟକର ବିଲ୍

କେନ୍ଦ୍ର ସରକାର ଆସନ୍ତା ସପ୍ତାହରେ ସଂସଦରେ ନୂଆ ଆୟକର ବିଲ୍ ଆଣିବେ । ନୂଆ ଆଇନ ସରଳ ଏବଂ ଟିକସ ବାବଦକୁ କମାଇବାରେ

ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ବଜେଟ୍ ଅଭିଭାଷଣରେ ଗତକାଲି କହିଛନ୍ତି । ଟିକସଦାତାଙ୍କ ପାଇଁ ନୂଆ ଆୟକର ବିଲ୍ ବୁଝିବା ସହଜ ହେବ । ନୂଆ ଆଇନ୍ ମାଧ୍ୟମରେ ବକେୟା ଟିକସ ହିସାବ କରିବା ଏବଂ ଆୟକର ରିଟର୍ଣ୍ଣ ଫାଇଲ କରିବା ସହଜ ହେବା ସହିତ ଆୟକର ଆଇନ୍ ୧୯୬୧ରେ କେତେକ ସଂଶୋଧନ କରାଯିବା ନେଇ ଅର୍ଥମନ୍ତ୍ରୀ ତାଙ୍କର ବଜେଟ୍ ଅଭିଭାଷଣରେ କହିଛନ୍ତି ।

ସୂଚନାଯୋଗ୍ୟ ଗତକାଲି ବଜେଟ୍ ଅଭିଭାଷଣରେ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟରେ’ ଆୟକର ସମ୍ପୂର୍ଣ୍ଣ ଛାଡ଼ ପାଇଁ ଶ୍ରୀମତୀ ସୀତାରମଣ ଘୋଷଣା କରିଛନ୍ତି ।

Desk

## ଉପମୁଖ୍ୟମନ୍ତ୍ରୀ- ମିଶନଶକ୍ତି

ରାଜ୍ୟର ମହିଳାଙ୍କ ନେତୃତ୍ୱରେ ଗ୍ରାମୀଣ ଅର୍ଥନୀତିକୁ ଆହୁରି ସମୃଦ୍ଧ କରି ବିକଶିତ ଓଡ଼ିଶା ଓ ଭାରତ ନିର୍ମାଣର ପରିକଳ୍ପନା ସମ୍ଭବପର ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱର ପୋଖରୀପୁଟସ୍ଥିତ ମିଶନ ଶକ୍ତିଭବନଠାରେ ୨ ଲକ୍ଷ ୮୦ ହଜାର ୫୮୬ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୧୯୮ କୋଟି ଟଙ୍କାର ସୁଧରାଶି ଫେରସ୍ତ କରି ଶ୍ରୀ ପରିଡ଼ା କହିଛନ୍ତି, ଏହି ଅର୍ଥରାଶି ମହିଳାଙ୍କୁ ଉଦ୍ୟୋଗୀ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ମଜଭୁତ କରିବ। ରାଜ୍ୟ ସରକାର ବିଭିନ୍ନ ଯୋଜନା ଓ ପଦକ୍ଷେପ ଗ୍ରହଣ କରିବା ସହ ତାହାକୁ ବାସ୍ତବ ରୂପ

ଦେଉଛନ୍ତି । ଆଗାମୀ ଦିନରେ ମିଶନ ଶକ୍ତିର ରୂପରେଖରେ ପରିବର୍ତ୍ତନ କରାଯିବ । ଉତ୍କଳ ଦିବସରୁ ମିଶନ ଶକ୍ତି ମହିଳାଙ୍କୁ ନୂତନ ଡ୍ରେସ୍ କୋଡ଼, ପରିଚୟପତ୍ର ଓ ସ୍ମାର୍ଟଫୋନ୍ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ଡକ୍ଟର ମୋନିକା ପ୍ରିୟଦର୍ଶିନୀଙ୍କ ସହ ପ୍ରତ୍ୟେକ ଜିଲ୍ଲାରୁ ଆଭାସୀ ମାଧ୍ୟମରେ କ୍ଷେତ୍ର ଅଧିକାରୀ, ଗୋଷ୍ଠୀ ସହାୟିକା ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ ।

Ganjam

# ତାରାତାରିଣୀ ପୀଠ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ଅବସ୍ଥିତ ମା’ ତାରାତାରିଣୀ ପୀଠରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ସାମୂହିକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ । କନ୍ୟା ବିବାହ ଯୋଜନା ଅଧୀନରେ ଚୟନ କରାଯାଇଥିବା ହିତାଧିକାରୀ ଦମ୍ପତ୍ତିମାନଙ୍କୁ ମୁଖ୍ୟମନ୍ତ୍ରୀ ଚେକ୍ ଓ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରିବେ ।

# କେଭିଆଇସି କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଖଦୀ ଏବଂ ଗ୍ରାମୋଦ୍ୟୋଗ ଆୟୋଗ– କେ.ଭି.ଆଇ.ସି’ ପକ୍ଷରୁ ଭୁବନେଶ୍ୱରଠାରେ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ଦେଶର ୧୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଏବଂ ଖଦୀ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ମନୋଜ କୁମାର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂତନ ଭାରତର ନୂତନ ଖଦୀ ଏକ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ପାଇଁ ପ୍ରମୁଖ ଶକ୍ତି ଭାବରେ ଉଭା ହୋଇଛି। ଏହି ଅବସରରେ ଶ୍ରୀ କୁମାର ହିତାଧିକାରୀମାନଙ୍କୁ ଯନ୍ତ୍ରପାତି, ଟୁଲ୍‌କିଟ୍ ଏବଂ ସହାୟତା ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ୫୪ ହଜାର ୯୯୫ ନୂତନ ୟୁନିଟ୍ ପଦକ୍ଷେପ ମାଧ୍ୟମରେ ୬ ଲକ୍ଷ ୪ ହଜାର ୯୪୫ ଜଣ ନିଯୁକ୍ତି ପାଇଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ କାରିଗରଙ୍କ ପାରିଶ୍ରମିକକୁ ୪ ଟଙ୍କାରୁ ୧୫ ଟଙ୍କାକୁ ବୃଦ୍ଧି କରାଯାଇଛି। ‘ଭୋକାଲ ଫର୍ ଲୋକାଲ୍’ର ମନ୍ତ୍ରରେ ପରିଚାଳିତ ହୋଇ ସ୍ଥାନୀୟ ଉତ୍ପାଦ କ୍ରୟ, କାରିଗରଙ୍କ ଜୀବିକାକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭର ଭାରତର ମୂଳଦୁଆକୁ ମଜଭୁତ କରୁଛି ବୋଲି ଶ୍ରୀ କୁମାର କହିଥିଲେ।

Desk

## ପିସିସିଏଫ୍ ଦାୟିତ୍ୱ

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନୂଆ ନିର୍ଦ୍ଦେଶକ ଭାବେ ଆଇ.ଏଫ୍.ଏସ୍. ସନ୍ନତ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି।  ପୂର୍ବରୁ ଶ୍ରୀ କୁମାର ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ମନୋଜ ଭି.ନାୟାରଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଚିବ ସହ ବନ୍ୟପ୍ରାଣୀ ଅତିରିକ୍ତ ପି.ସି.ସି.ଏଫ୍’ ଦାୟିତ୍ୱ ଦିଆଯାଇଛି।

Subarnpur

## ମାଘମେଳା ଉଦ୍‌ଯାପିତ

ମହିମା ଧର୍ମର ପ୍ରମୁଖ ପ୍ରଚାରକ ତଥା ମାନବବାଦୀ କବି ଭୀମଭୋଇଙ୍କ ସାଧନା ଓ ସମାଧି ପୀଠ ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲି ଗାଁର ଶୂନ୍ୟ ମନ୍ଦିର ପରିସରରେ ଚାଲିଥିବା ମାଘମେଳା ଆଜି ଉଦ୍‌ଯାପିତ ହୋଇଛି। ୫ ଦିନ ଧରି ଚାଲିଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ମହିମା ଧର୍ମୀ ସାଧୁସନ୍ଥଙ୍କ ସମେତ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ପୀଠର ବିକାଶ ପାଇଁ ୩୫ କୋଟି ଟଙ୍କାର ଅନୁଦାନ ଦିଆଯିବ ବୋଲି ଗତକାଲି ସୁବର୍ଣ୍ଣପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

Desk

## ବିଶ୍ୱ ଆର୍ଦ୍ରଭୂମି ଦିବସ

ଆର୍ଦ୍ରଭୂମି ଓ ଏହାର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷର ବାର୍ତ୍ତା ରହିଛି 'ଆର୍ଦ୍ରଭୂମି ଓ ପାରମ୍ପରିକ ଜ୍ଞାନ–ସାଂସ୍କୃତିକ ଐତିହ୍ୟ ପାଳନ'। ଜୈବ ବିବିଧତା, ଜଳବାୟୁ ନିୟନ୍ତ୍ରଣ ଓ ମାନବ ସମାଜ ପାଇଁ ଆର୍ଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭବିଷ୍ୟତ ପିଢ଼ିକୁ ଏହାର ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ୨୦୨୧ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭାରେ ଫେବୃୟାରୀ ୨ ତାରିଖକୁ ଆନୁଷ୍ଠାନିକ ଭାବେ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।